# କ୍ଷମତାପନ୍ନ ପ୍ରାଧିକାରୀ ତଥା ଉପଜିଲ୍ଲାପାଳ, ଟିଟିଲାଗଡଙ୍କ କାର୍ଯ୍ୟାଳୟ

ବିଜ୍ଞାପନ ନଂ ...୬୦୭୧.../ ତା ...୦୨/୦୮/୨୦୧୯

କ୍ଷମତାପନ୍ନ ପ୍ରାଧିକାରୀ ତଥା ଉପଜିଲ୍ଲାପାଳ, ଟିଟିଲାଗଡଙ୍କ କାର୍ଯ୍ୟାଳୟ ବାଏପାସ୍ ଜମି ଅଧିଗ୍ରହଣ ଜାତୀୟ ରାଜପଥ - ୫୯ ରେ ନିମ୍ନୋକ୍ତ ଚୁକ୍ତିଭିତିକ ଅସ୍ଥାୟୀ ପଦବୀ ଗୁଡିକ ନିମନ୍ତେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ଓ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀ ଏଥି ନିମନ୍ତେ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ତଥା ଚାକିରି ସମ୍ବନ୍ଧୀୟ ସମସ୍ତ କାଗଜାତର ସ୍ୱପ୍ରମାଣିତ ଅବିକଳ ନକଲ ସହିତ ସଂଲଗ୍ନ କରାଯାଇଥିବା ଆବେଦନ ପତ୍ରରେ ନିଜ ଠିକଣା ଥିବା ତଥା ଉପଯୁକ୍ତ ମୂଲ୍ୟର ଡାକଟିକଟ ଲଗା ହୋଇଥିବା ଦୁଇଟି ଲଫାଫା ସହିତ କ୍ଷମତାପନ୍ନ ପ୍ରାଧିକାରୀ ତଥା ଉପଜିଲ୍ଲାପାଳ, ଟିଟିଲାଗଡଙ୍କ କାର୍ଯ୍ୟାଳୟ, ଜିଲ୍ଲା – ବଲାଙ୍ଗିର ଠିକଣାରେ ଡାକଯୋଗେ ତା 31.08.2019 ରିଖ ସୁଦ୍ଧା ଆବେଦନ କରିବେ । ବିଳମ୍ବରେ ପ୍ରାପ୍ତ ଆବେଦନ ପତ୍ର ଗ୍ରହଣୀୟ ହେବନାହିଁ ।

ଅସ୍ଥାୟୀ ପଦବୀ ଗୁଡିକର ବିବରଣୀ;

| କ୍ର.ନଂ. | ଅସ୍ଥାୟୀ ପଦବୀ ଗୁଡିକର ନାମ | ପଦବୀ ସଂଖ୍ୟା |
|---|---|---|
| ୧. | ମୁଖ୍ୟ କିରାଣୀ (Head Clerk) | ୦୧ |
| ୨. | ରାଜସ୍ୱ ନିରୀକ୍ଷକ (Revenue Inspector) | ୦୧ |
| ୩. | ଅମିନ (Amin) | ୦୨ |
| ୪. | ପିଅନ (Peon ) | ୦୧ |
| ୫. | କମ୍ପ୍ୟୁଟର ଅପରେଟର | ୦୧ |

## କ. ଯୋଗ୍ୟତା

୧. ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ବୟସ ୬୫ ବର୍ଷ ରୁ ହୋଇଥିବ ।

୨. ପ୍ରାର୍ଥୀ/ପ୍ରାର୍ଥିନୀ ଶାରିରୀକ ରୂପେ ସୁସ୍ଥ ଓ କ୍ଷେତ୍ରକାର୍ଯ୍ୟ ଯଥା ସର୍ଭେ, ସୀମା ନିର୍ଦ୍ଧାରଣ ଇତ୍ୟାଦି ନିମନ୍ତେ ସକ୍ଷମ ଥିବେ ।

୩. ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ବିରୁଦ୍ଧରେ ଚାକିରୀର ଶେଷ ୫ ବର୍ଷ ମଧ୍ୟରେ କୌଣସି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବ ।

## ଖ. ଚୟନ ପ୍ରଣାଳୀ

୧. ଉପରୋକ୍ତ ପଦବୀ ଗୁଡିକ ନିମନ୍ତେ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କର ଚୟନ ନିଯୁକ୍ତିଦାତା ଅଧିକାରୀ ଙ୍କ ଦ୍ୱାରା ଗଠିତ ଏକ ଚୟନ କମିଟିଦ୍ୱାରା କରାଯିବ ।

## ଗ. ସର୍ତ୍ତାବଳୀ

୧. ନିଯୁକ୍ତି ଅବଧି ନିଯୁକ୍ତିଦାତା ଅଧିକାରୀଙ୍କ ଦ୍ୱାରା ସ୍ଥିରୀକୃତ ହେବ ।

୨. ନିଯୁକ୍ତି ଅବଧି ମଧ୍ୟରେ ଯଦି କୌଣସି ନିଯୁକ୍ତିପ୍ରାପ୍ତ ଅସ୍ଥାୟୀ କର୍ମଚାରୀଙ୍କ ସେବା ସନ୍ତୋଷଜନକ ନହୁଏ ତେବେ ତାଙ୍କୁ କୌଣସି କାରଣ ନଦର୍ଶାଇ ସେବା ନିବୃତ କରିବା ନିମନ୍ତେ ନିଯୁକ୍ତିଦାତା ଅଧିକାରୀ କ୍ଷମତାପ୍ରାପ୍ତ ଅଟନ୍ତି ।

୩. ଯଦି କୌଣସି କର୍ମଚାରୀ ସ୍ୱତଃ ସେବାନିବୃତ ହେବାପାଇଁ ଚାହାନ୍ତି ତାହେଲେ ସେ ଗୋଟିଏ ମାସ ପୂର୍ବରୁ ନିଯୁକ୍ତିଦାତା ଅଧିକାରୀଙ୍କୁ ଲିଖିତ ଭାବରେ ଜଣାଇବେ ।

୪. ଏହି ଅସ୍ଥାୟୀ ପଦବୀଗୁଡିକ ନିମନ୍ତେ ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମାସିକ ପାରିଶ୍ରମିକ ପ୍ରଦାନ କରାଯିବ ।

୫.	ଏହି ଅସ୍ଥାୟୀ ପଦବୀଗୁଡିକର କାର୍ଯ୍ୟକାଳ

ଆବେଦନ କରିବାର ଶେଷ ତାରିଖ –

ଏହାର ସବିଶେଷ ବିବରଣୀ www.blangir.inc.in ରେ ମଧ୍ୟ ଉପଲବ୍ଧ ଅଟେ ।

କ୍ଷମତାପନ୍ନ ପ୍ରାଧିକାରୀ
ତଥା ଉପଜିଲ୍ଲାପାଳ, ଟିଟିଲାଗଡ

ପରିପତ୍ର ସଂଖ୍ୟା......୭୩.୦୧୨......../ ତା. ୦୭/୦୮/୨୦୧୯

ଏହାର ଏକକିତା ନକଲ ଜିଲ୍ଲାପାଳ, ବଲାଙ୍ଗିର/ତହସିଲଦାର, ଟିଟିଲାଗଡ/ ପୌରନିର୍ବାହୀ ଅଧିକାରୀ, ଟିଟିଲାଗଡ ମୁନିସିପାଲିଟି/ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ଜାତୀୟ ରାଜପଥ ବିଭାଗ, ବଲାଙ୍ଗିରଙ୍କ କାର୍ଯ୍ୟାଳୟଗୁଡିକର ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚିତ କରାଗଲା ।

ଏହାର ଏକକିତା ନକଲ ଏନ.ଆଇ.ସି ଅଧିକାରୀଙ୍କୁ ପ୍ରେରଣ କରି ବଲାଙ୍ଗିର ଜିଲ୍ଲା ୱେବ ସାଇଟରେ ପ୍ରଦର୍ଶନ ପାଇଁ ଅନୁରୋଧ କରାଗଲା ।

କ୍ଷମତାପନ୍ନ ପ୍ରାଧିକାରୀ
ତଥା ଉପଜିଲ୍ଲାପାଳ, ଟିଟିଲାଗଡ

# ଆବେଦନ ପତ୍ର

ଆବେଦନ କରୁଥିବା ପଦବୀର ନାମ - ..........................

୧. ଆବେଦନକାରୀଙ୍କ ନାମେ - ..............................
୨. ପିତା/ସ୍ୱାମୀଙ୍କ ନାମ - ....................................
୩. ଜନ୍ମ ତାରିଖ / ସର୍ଭିସ ରେକର୍ଡ ଅନୁସାରେ ...............
୪. ସ୍ଥାୟୀ ଠିକଣା - .........................................
୫. ଯୋଗାଯୋଗ ଠିକଣା - ..................................

........................ ଫୋନ ନଂ ..............

୬. ଶିକ୍ଷାଗତ ଯୋଗ୍ୟତା - ........................................
୭. ବିଗତ ଚାକିରି ଏବଂ ଅଭିଜ୍ଞତା ସମ୍ବନ୍ଧୀୟ ବିବରଣୀ - ................................

| କ୍ର. ନଂ | କାର୍ଯ୍ୟାଳୟର ନାମ | ପଦବୀ | କେବେଠାରୁ | କେଉଁ ପର୍ଯ୍ୟନ୍ତ | ଅବସ୍ଥାନ ସ୍ଥାନର ନାମ | ଅବଧି | ଅଭିଜ୍ଞତା (ଯଦି କିଛି ଥାଏ) |
|---|---|---|---|---|---|---|---|
| | | | | | | | |
| | | | | | | | |
| | | | | | | | |
| | | | | | | | |
| | | | | | | | |

## ଘୋଷଣା

ଏତଦ୍ୱାରା ମୁଁ ସତ୍ୟନିଷ୍ଠ ଭାବେ ପ୍ରମାଣିତ କରୁଅଛି ଯେ, ମୋ ଦ୍ୱାରା ପ୍ରଦତ୍ତ ସମସ୍ତ ଉପରୋକ୍ତ ତଥ୍ୟ ସଂପୂର୍ଣ୍ଣଭାବେ ସତ୍ୟ ଅଟେ । ମୁଁ ସଂଲଗ୍ନ କରିଥିବା ସ୍ୱ-ପ୍ରମାଣିତ କାଗଜପତ୍ର ମୂଳ କାଗଜାତର ଅବିକଳ ନକଲ ଅଟେ । ଦରକାର ସମୟରେ ନିଯୁକ୍ତିଦାତାଙ୍କ ପାଖରେ ଏହା ଉପସ୍ଥାପନ କରିବି । ମୁଁ ଯଦି ଅସ୍ଥାୟୀ ଭାବରେ କାର୍ଯ୍ୟ କରିବା ପାଇଁ ନିଯୁକ୍ତ ହୁଏ, ତେବେ ମୁଁ ନିଯୁକ୍ତିଦାତାଙ୍କ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ନିୟମାବଳୀ ପାଳନ କରିବି । ଯଦି ଏଥିରେ କିଛି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ମୋର ଆବେଦନ ପତ୍ର ଅସିଦ୍ଧ ଘୋଷିତ ହେବ ଏବଂ ମୋ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ମୋତେ ନିଯୁକ୍ତି ପ୍ରକ୍ରିୟାରୁ ଅନ୍ତର କରାଯାଇପାରେ ।

ଆବେଦନକାରୀଙ୍କ ସ୍ୱାକ୍ଷର